# ଅଧ୍ୟାୟ – VI

# ଉପସଂହାର ଏବଂ ସୁପାରିଶ

# ଅଧ୍ୟାୟ – VI

## ଉପସଂହାର ଏବଂ ସୁପାରିଶ

### 6.1 ଉପସଂହାର

କୃଷି ନିମନ୍ତେ ଯଥେଷ୍ଟ ଓ ସୁନିଶ୍ଚିତ ଜଳ ଯୋଗାଣ କରିବା ଲକ୍ଷ ନେଇ ବିଚାର ଯୋଗ୍ୟ ମୂଲ୍ୟରେ ଓଡ଼ିଶା ସରକାର ବିଭିନ୍ନ ଜଳ ସେଚନ ପ୍ରକଳ୍ପ ( ବୃହତ୍ ,କ୍ଷୁଦ୍ର, ମେଗାଲିଫ୍ଟ ଇତ୍ୟାଦି) ପ୍ରାରମ୍ଭ କରିଥିଲେ । ଯାହାହେଉ, ଯେପରି ଅଡ଼ିଟ୍ ରେ ଦେଖାଯାଇଥିଲା, ଜଳସେଚନ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ସର୍ମ୍ପୁଣ କରି ଯଥେଷ୍ଟ ଓ ସୁନିଶ୍ଚିତ ଜଳ ଯୋଗାଣ ର ଅଭାବ ଚାଷୀ ମାନଙ୍କୁ ଜଳସେଚନ ସୁବିଧାରୁ ବଂଚିତ କରିଥିଲା ।

ଏହି ସମ୍ପାଦନ ସମୀକ୍ଷା ଦ୍ୱାରା ଅନ୍ତର୍ଭୁକ୍ତ ସମୟ ଅବଧି ଯାହାକି 2014-19 ମଧରେ ଅଡ଼ିଟ୍ ପାଂଚଟି ବୃହତ୍ ଜଳସେଚନ ଯୋଜନା. ନଅଟି ମେଗାଲିଫ୍ଟ ଜଳସେଚନ ଯୋଜନା ଏବଂ ଦଶଟି କ୍ଷୁଦ୍ର ଜଳସେଚନ ଯୋଜନା ର ଯାଂଚ ସମୀକ୍ଷା କରିଥିଲା ଯେଉଁଥିରେ, ମାର୍ଚ୍ଚ 2020 ସୁଦ୍ଧା 12,742.11 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ନଅଟି ମେଗାଲିଫ୍ଟ ଯୋଜନା କୁ ଛାଡ଼ି ପ୍ରକଳ୍ପ ଗୁଡ଼ିକର ମୂଲ୍ୟବୃଦ୍ଧି ଶତକଡ଼ା 182 ରୁ 4,596 ପ୍ରତିଶତ ମଧରେ ଥିଲା । ମୂଲ୍ୟବୃଦ୍ଧି ସତ୍ତ୍ୱେ କେବଳ ଗୋଟିଏ ବୃହତ୍ ପ୍ରକଳ୍ପ ୟୁଆଇଆଇପି ର ନିର୍ମାଣ ସମାପ୍ତ ହୋଇଥିଲା ଏବଂ ଅନ୍ୟ ଚାରୋଟି ବୃହତ ଜଳସେଚନ ପ୍ରକଳ୍ପ ରେ ନିର୍ମାଣ ବିଭିନ୍ନ ସ୍ତରରେ ଥିଲା ।

ଭୂପୃଷ୍ଠ ଜଳସେଚନ ର ସମ୍ପାଦନ ସମୀକ୍ଷା ପ୍ରକଳ୍ପ ଗୁଡ଼ିକର ଯୋଜନା, କାର୍ଯ୍ୟକାରିତା ଏବଂ ମନିଟରିଂ ରେ ଗୁଡ଼ାଏ ଅଭାବ ପ୍ରକଟ କଲା । ପରୀକ୍ଷା ଯାଞ୍ଚ କରାଯାଇଥିବା ପ୍ରକଳ୍ପ ଗୁଡ଼ିକରେ ଅର୍ଥ ର ଫେରସ୍ତ ଯୋଗୁଁ ଆର୍ଥିକ ପରିଚାଳନା ବିଚଳିତ ହୋଇଥିଲା, ଫଳରେ ଟଙ୍କା ଥାଇ ମଧ୍ୟ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ସମ୍ପୁର୍ଣ ହୋଇନଥିଲା । କେନ୍ଦ୍ରୀୟ ସହାୟତା ରୁ ବଞ୍ଚିତ ହେବା, ବିନା ଉପଯୋଗ ରେ ଅର୍ଥ କୁ ଠୁଳ କରି ରଖିବା, ସରକାରୀ ଅର୍ଥ ର ଅନାଦେୟ, ଅଗ୍ରୀମ ଅର୍ଥ ର ଖର୍ଚ୍ଚ ନ ଦର୍ଶାଇବା ଓ ଅନୁପଯୁକ୍ତ ଟିକସ ପ୍ରଦାନ ଭଳି ଉଦାହରଣ ମଧ୍ୟ ଦେଖାଯାଇଥିଲା ।

ପ୍ରକଳ୍ପ ଗୁଡ଼ିକର ଡ଼ିପିଆର୍ ର ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ରେ ଅଭାବ ପରିଲକ୍ଷିତ ହୋଇଥିଲା ଏବଂ ପ୍ରକଳ୍ପ ଗୁଡ଼ିକର ବିସିଆର ର ଭୂଲ ହିସାବ କରାଯାଇଥିଲା । ଏହାଦ୍ୱାରା କାମର ପରିଧି ଓ ଡ଼ିଜାଇନ ରେ ପରିବର୍ତ୍ତନ ଏବଂ ଅଟକଳ ର ଖର୍ଚ୍ଚ ପୁନଃନିର୍ଦ୍ଧାରଣ ହେଲା ଯଦ୍ୱାରା ପ୍ରକଳ୍ପର କାର୍ଯ୍ୟକାରିତା ର ସୂଚୀ ପ୍ରଭାବିତ ହୋଇଥିଲା । ସେହିପରି, ସମସ୍ତ ପରିକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡ଼ିକରେ 12,742.11କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ପ୍ରସ୍ତାବିତ ଜଳସେଚନ କ୍ଷମତା 5,02,842 ହେକ୍ଟର ସ୍ଥଳେ 1,22,418 ହେକ୍ଟର ହୋଇଥିଲା ଯାହାକି ଦର୍ଶାଯାଇଥିବା କ୍ଷମତାର 24 ପ୍ରତିଶତ ଥିଲା । ଜମି ଅଧିଗ୍ରହଣ ନ ହେବା, ଡ଼ିପିଆର୍ ରେ କମି, ଭୁଲ ସର୍ଭେ ଓ ଅନୁସନ୍ଧାନ, ପ୍ରକଳ୍ପ କରିବାରେ ଡ଼ିଜାଇନ୍ ରେ ହୋଇଥିବା କମି, କେନାଲ ରେ ପର୍ଯ୍ୟାପ୍ତ ପାଣି ର ଅଭାବ କାରଣ ରୁ ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡ଼ିକ ସମ୍ପୁର୍ଣ୍ଣ ହୋଇନଥିଲା ଓ ଜଳସେଚନ କ୍ଷମତା ହାସଲ ହୋଇନଥିଲା । ବୃହତ୍ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ 13 ରୁ 43 ବର୍ଷ ବିଳମ୍ବର ସମ୍ମୁଖୀନ ହେଉଛନ୍ତି ।

ଜମି ଅଧିଗ୍ରହଣ ରେ ବିଳମ୍ବ, ବିଳମ୍ବିତ ଆର୍ ଏଣ୍ଡ ଆର୍ ପଦକ୍ଷେପ, ଏବଂ କାର୍ଯ୍ୟ ନିର୍ବାହ ରେ କମି ଯୋଗୁଁ ଏହି ବିଳମ୍ବ ଓ ଖର୍ଚ୍ଚର ଆଧିକ୍ୟତା ହୋଇଥିଲା ।

ଯେହେତୁ ବିବିଧ ଫସଲ ପ୍ରଣାଳୀ ଅନୁସରଣ ନ କରି କେବଳ ଧାନ ହିଁ ପ୍ରକଳ୍ପ ଜଳସେଚିତ କ୍ଷେତ୍ରରେ ଚାଷୀ ମାନଙ୍କ ଦ୍ୱାରା ଚାଷ କରାଯାଏ, ତେଣୁ ସମସ୍ତ ପ୍ରକଳ୍ପ ଆର୍ଥିକ ଅବ୍ୟବହାର୍ଯ୍ୟତା ରେ ଗତିକରୁଛି । ପ୍ରକଳ୍ପ ପ୍ରଣୟନ ରେ ତଦାରଖ ର ଅଭାବ, ଚାଷୀ ସଂଶ୍ଲିଷ୍ଟ ବ୍ୟକ୍ତି ବିଶେଷଙ୍କୁ କୁ ଭାଗ ନେବାରେ ପରିଚାଳନା ଗତ ତୃଟି, ପରିଲକ୍ଷିତ ଥିଲା ।

ଯଦିଓ ଜଳସେଚନ ର ସୁବିଧା ଯୋଗାଇବା କୃଷିଜାତ ଓ ବଗିଚା ଚାଷର ଉନ୍ନତି ରେ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ଯଥେଷ୍ଟ ପାଣି ଯୋଗାଇ ଦିଆଯାଇଥିଲେ ମଧ୍ୟ କୃଷକଙ୍କ ସୁବିଧା ପାଇଁ ଧାର୍ଯ୍ୟ ଜଳସେଚନ କ୍ଷମତା ସୃଷ୍ଟି ହୋଇପାରିନଥିଲା ।

## 6.2 ସୁପାରିଶ

1. ଜଳସେଚନ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିବା ଏବଂ ଆର୍ଥିକ ଅନିୟମିତତା ପାଇଁ ନିର୍ବାହୀମାନଙ୍କ ଉପରେ ଉତ୍ତରଦାୟୀତ୍ୱ ଧାର୍ଯ୍ୟ କରିବା ଦରକାର ।

2. ନିର୍ଦ୍ଦିଷ୍ଟ ଏରିଆ ଚିହ୍ନଟ କରି ଧ୍ୟାନ କେନ୍ଦ୍ରିତ କରିବା ପାଇଁ ରାଜ୍ୟ ସରକାର ପ୍ରତିଟି ପ୍ରକଳ୍ପର ଉପାଦାନ ଗୁଡିକର ସମ୍ପାଦନର ମୂଲ୍ୟାୟନ କରିବା ଦରକାର ଏବଂ ସମସ୍ତ ନିର୍ବାହୀ ମାନଙ୍କୁ ଶୀଘ୍ର ସମାପ୍ତି ଲାଗି ସେମାନଙ୍କ ପ୍ରଚେଷ୍ଟାକୁ ତୀବ୍ର କରିବା ପାଇଁ ନିର୍ଦ୍ଦେଶ ଦେବା ଦରକାର ।

3. ଓପିଡବ୍ଲୁଡ଼ି ସଂହିତାରେ ଯେପରି ଦର୍ଶାଯାଇଛି ପ୍ରକଳ୍ପ କାମ ଗୁଡିକ ଜମି ଅଧିଗ୍ରହଣ ପରେ ଆରମ୍ଭ କରିବାକୁ ସରକାର ନିଶ୍ଚିତ କରିବା ଦରକାର ।

4. ସରକାର ବିସ୍ଥାପିତ ଲୋକଙ୍କୁ ଆରଏଣ୍ଡଆର ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ଥାନାନ୍ତରଣ କରିବା ପାଇଁ ମେକାନିଜିମ୍ ଗ୍ରହଣ କରିପାରନ୍ତି ଏବଂ ଯେଉଁ ଅଫିସରମାନେ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରଣ ରେ ବିଳମ୍ବ ଯୋଗୁଁ ଅତିରିକ୍ତ ଖର୍ଚ୍ଚ ଲାଗି ଦାୟୀ ତାଙ୍କୁ ଉତ୍ତରଦାୟୀ କରିପାରନ୍ତି ।

5. ଅନୁଚିତ ସର୍ଭେ ଏବଂ ଭୁଲ ନକ୍ସା ଅନୁସରଣ ଯୋଗୁଁ ଆଡିବନ୍ଧ ଖସିବା କୁ ରୋକିବା ଲାଗି ଅଯଥା ପୁନରୁଦ୍ଧାର କାର୍ଯ୍ୟ ଲାଗି ନିର୍ବାହୀ ମାନଙ୍କୁ ଉତ୍ତରଦାୟୀ କରିବା ଦରକାର /

6. କାମ ଗୁଡିକର ଭୁଲ ନିର୍ବାହ ପାଇଁ ବିଭାଗ ଦ୍ୱାରା କାର୍ଯ୍ୟ ନିର୍ବାହୀ ମାନଙ୍କ ଉପରେ ଉତ୍ତରଦାୟୀତ୍ୱ ସ୍ଥିର ହେବା ଦରକାର ।

7. ସରକାରଙ୍କୁ ଚାଷୀଙ୍କ ସହ ମିଶି ପ୍ରକଳ୍ପ ପ୍ରସ୍ତାବରେ ଦର୍ଶାଯାଇଥିବା ବିବିଧ ଫସଲ ପ୍ରଣାଳୀ ଆପଣେଇବା ପାଇଁ ପଦକ୍ଷେପ ନେବା ଦରକାର ।

୪. ଜଳସେଚନ ପ୍ରକଳ୍ପ ଗୁଡ଼ିକରୁ ଜଳ ବ୍ୟବହାର କରୁଥିବା ଶିଳ୍ପ ମାନଙ୍କ ଠାରୁ ବୈଧ ଜଳକରର ଦାବି କରା ନଯିବା/ ଅନାଦେୟ ନିମନ୍ତେ କର୍ତ୍ତୃପକ୍ଷଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର ହେବା ଦରକାର ।

(ବିଭୁଦତ୍ତ ବସନ୍ତିଆ)
ପ୍ରଧାନ ମହାଲେଖାକାର (ଲେଖା ପରୀକ୍ଷା-II)

ଭୁବନେଶ୍ୱର
ତାରିଖ : 04 MAR 2022

**ପ୍ରତିହସ୍ତାକ୍ଷରିତ**

(ଗିରୀଶ ଚନ୍ଦ୍ର ମୁର୍ମୁ)
ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ

ନୂଆ ଦିଲ୍ଲୀ
ତାରିଖ : - 8 MAR 2022